# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26th March - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ ଆୟୋଗ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଜାରି କଲେ ନିର୍ଦ୍ଦେଶନାମା ।

- ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ଅଂଶଧନ କିଣିବା ନେଇ ଆଦାନୀ ପୋର୍ଟସର ସୂଚନା ।

- ଆସନ୍ତାକାଲି ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ପୁରୀରେ ଶ୍ରୀବିଗ୍ରହମାନଙ୍କ ଅନୁଷ୍ଠିତ ହେବ ବନକଲାଗି ନୀତି ।

ଏବଂ

- ଚୈତ୍ରମାସର ପ୍ରଥମ ମଙ୍ଗଳବାରରୁ ଆଜିଠାରୁ ଆରମ୍ଭ ହେଲା ରାଜ୍ୟର ବିଭିନ୍ନ ଦେବୀପୀଠରେ ପୂଜାର୍ଚ୍ଚନା ।

*GNR*

# ନିର୍ବାଚନ କମିଶନ୍ - ନିର୍ଦ୍ଦେଶନାମା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି। ଚଳିତ ମାସରୁ ଜୁନ୍ ମାସ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାପାଇଁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଏଥିସହ ଲୋକମାନେ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ସହ ବାସି ଖାଦ୍ୟ ନ ଖାଇବାପାଇଁ ପରାମର୍ଶ ଦିଆଯାଇଛି । ସମସ୍ତ ଭୋଟ୍‌ଗ୍ରହଣ କେନ୍ଦ୍ରରେ ପାନୀୟ ଜଳ ସହ ଛାୟା ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

*Desk*

# ସି-ଭିଜିଲ୍ ଆପ୍

ସି-ଭିଜିଲ୍ ଆପ୍ ଜରିଆରେ ନିର୍ବାଚନ ପ୍ରକ୍ରିୟା ଉପରେ ନିର୍ବାଚନ ଆୟୋଗ ତୀକ୍ଷ୍ଣ ନଜର ରଖିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର

ରେକର୍ଡିଂ, ରିପୋର୍ଟିଂ ଏବଂ ସମାଧାନ ପାଇଁ ଏହି ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ଜରିଆରେ ଫଟୋ, ଭିଡିଓ ଇତ୍ୟାଦି ଉଠାଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅନଲାଇନ୍ ଅଭିଯୋଗ କରାଯାଇପାରିବ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂପର୍କରେ ଜଣାଇବା ପାଇଁ ନିର୍ବାଚନ କମିଶନଙ୍କ ସି-ଭିଜିଲ୍ ଆପ୍ ଲୋକଙ୍କ ପାଇଁ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି। ନାଗରିକମାନେ ଏହି ଆପ୍ ମାଧ୍ୟମରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ବ୍ୟୟ ଉଲ୍ଲଂଘନ ବିଷୟରେ ରିପୋର୍ଟ କରିପାରିବେ । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ସି-ଭିଜିଲ୍ ଆପ୍ ନାଗରିକମାନଙ୍କୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ କ୍ଷମତା ପ୍ରଦାନ କରିଛି ଏବଂ ଏକ ଶହ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛି।

***Ganjam/R***

# ଗୋପାଳପୁର ବନ୍ଦର - ଆଦାନୀ

ଦେଶର ସର୍ବବୃହତ ଘରୋଇ ବନ୍ଦର ଅପରେଟର ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ୍ ଓଡ଼ିଶାର ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ଅଂଶଧନକୁ ୧ ହଜାର ୩୪୯ କୋଟି ଟଙ୍କାରେ କିଣିବ ବୋଲି ଆଜି ଏକ ପ୍ରେସ ଇସ୍ତାହାରରେ ଜଣାଇଛି।

ଆଦାନୀ ପୋର୍ଟସ ଗୋପାଳପୁର ବନ୍ଦରର ୫୬ ପ୍ରତିଶତ ଅଂଶଧନ ରିଅଲ ଇଷ୍ଟେଟ୍ କମ୍ପାନୀ ଶାପୁରଜୀ ପାଲୋନ୍‌ଜୀ ଗ୍ରୁପ୍‌ରୁ ଏବଂ ଓଡ଼ିଶା ଷ୍ଟିଭ୍‌ଡୋରରୁ ୩୯ ପ୍ରତିଶତ ଅଂଶଧନ କିଣିବ। ଏହି ଚୁକ୍ତିର ଔଦ୍ୟୋଗିକ ମୂଲ୍ୟ ୩ ହଜାର ୮୦ କୋଟି ଟଙ୍କା ରହିଛି। ଗୋପାଳପୁର ବନ୍ଦରରେ ଲୁହାପଥର, କୋଇଲା, ଚୂନପଥର, ଇଲମେନାଇଟ ଓ ଆଲୁମିନା ସମେତ ଶୁଖିଲା ବଲ୍କ କାର୍ଗୋର ପରିବହନ ହୋଇଥାଏ।

ସୂଚନାଯୋଗ୍ୟ, ଭାରତର ପୂର୍ବ ଉପକୂଳ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଗୋପାଳପୁର ବନ୍ଦରରେ ୨୦ ଏମ୍.ଏମ୍.ଟି.ପି.ଏ. ପରିଚାଳନା କ୍ଷମତା ରହିଛି। ଓଡ଼ିଶା ସରକାର ୨୦୦୬ ମସିହାରେ ଗୋପାଳପୁର ପୋର୍ଟ ଲିମିଟେଡ୍‌କୁ ୩୦ ବର୍ଷ ପାଇଁ ରିହାତି ପ୍ରଦାନ କରିବା ସହ ୧୦ ବର୍ଷ ଲେଖାଏଁ ୨ଟି ଅବଧି ବୃଦ୍ଧିର ବ୍ୟବସ୍ଥା କରିଥିଲେ।

***Desk***

# କେନ୍ଦ୍ରମନ୍ତ୍ରୀଙ୍କ ହୀରାକୁଦ ଗସ୍ତ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦର ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଅଞ୍ଚଳ ଗସ୍ତ କରି ରୋଗୀଙ୍କ ସହ ଆଲୋଚନା କରିଛନ୍ତି । ପରେ ହୀରକୁଦ ଓ ବୁର୍ଲା ହସ୍ପିଟାଲ ଯାଇ ସେଠାରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ହୀରାକୁଦ ଡ୍ୟାମ ତଳେ ରହି ହୀରାକୁଦବାସୀ ସ୍ୱଚ୍ଛ ପାଣି

ପିଇବାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ଅଭିଯୋଗ କରିଛନ୍ତି। ବହୁ ବର୍ଷ ଧରି ଯେଉଁମାନେ ବ୍ୟବସ୍ଥାରେ ରହିଲେ, ସେମାନେ ଅଞ୍ଚଳବାସୀଙ୍କ ପାଇଁ କ'ଣ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ, ଆଜି ଆଉ ଜଣେ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୩ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡିଛି ।

***Puri/R***

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥି ବୁଧବାର ଦିନ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହ ମାନଙ୍କ ଦର୍ଶନ କରିପାରିବେ ।

Gajapati/R

# ଗଜପତି ନିର୍ବାଚନ ମଣ୍ଡଳୀ

ଗଜପତି ଜିଲ୍ଲାରେ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ମେ’ ୧୩ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏଥିପାଇଁ ଜିଲ୍ଲାରେ ମୋଟ୍ ୫୭୩ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡି ରହିଛି । ମୋଟ ମତଦାତାଙ୍କ ସଂଖ୍ୟା ୪ ଲକ୍ଷ ୫୯ ହଜାର ୨୨୮ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୪ ହଜାର ୪୦୫, ମହିଳା ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୩୪ ହଜାର ୭୯୯ ଏବଂ ତୃତୀୟଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨୪ ଜଣ ଅଛନ୍ତି ।

ଚଳିତ ବର୍ଷ ନିର୍ବାଚନରେ ବୁଥ୍‌କୁ ଆସି ପାରୁ ନ ଥିବା ବୟସ୍କ ଭୋଟର ଘରୁ ଭୋଟ ଦେଇପାରିବେ। ନିର୍ବାଚନ ସମ୍ପର୍କରେ ସାଧାରଣ ଲୋକଙ୍କ ଅଭିଯୋଗ ଆସିଲେ ୧୦୦ ମିନିଟ୍ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜିଲ୍ଲାରେ ମଧ୍ୟ ଭିଡିଓ ସର୍ଭେଲାନ୍ସ ଟିମ୍ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ କରାଯିବ। ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏ ସମ୍ପର୍କରେ ଆମ ଗଜପତି ସମ୍ବାଦଦାତାଙ୍କ ରିପୋର୍ଟ :

***Voice** :...........*

# ରେଳବାଇ ପଣ୍ୟ ପରିବହନ

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଗତବର୍ଷ ଏପ୍ରିଲ୍ ପହିଲାରୁ ଗତକାଲି ମଧ୍ୟରେ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ କରି ୨୦୨୨-୨୩ ଆର୍ଥିକ ବର୍ଷର ସର୍ବୋଚ୍ଚ ମାଲ ପରିବହନ ରେକର୍ଡକୁ ଅତିକ୍ରମ କରିଛି। କ୍ରମାଗତ ପଞ୍ଚମ ଥର ପାଇଁ ୨୦୦ ମିଲିୟନ୍ ଟନ୍ ପଣ୍ୟ ବୋଝେଇ କ୍ଷେତ୍ରରେ ପୂର୍ବତଟ ରେଳପଥ ଏହି ସଫଳତା ହାସଲ କରି ପ୍ରଥମ ଜୋନ୍ ହୋଇପାରିଛି।

୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବ ତଟ ରେଳବାଇ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ଆଜି ଏହା ୨୫୦ ନିୟୁତ ଟନ ପଣ୍ୟ ପରିବହନ କରିଥିବା ପ୍ରଥମ ରେଳ ଜୋନ୍ ହୋଇପାରିଛି।

ତାଳଚରରେ ଏମସିଏଲର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାରାଦୀପ, ଧାମରା, ଭାଇଜାଗ, ଗଙ୍ଗାଭରମ ଏବଂ ଗୋପାଳପୁର ବନ୍ଦର ସମେତ କେନ୍ଦୁଝର ଜିଲ୍ଲାର ଲୁହାପଥର ଖଣି ଏହି ସଫଳତା ପାଇଁ ପ୍ରମୁଖ ଯୋଗଦାନ ଦେଇଛନ୍ତି।

# ତାରାତାରିଣୀ - ଚୈତ୍ର ମଙ୍ଗଳବାର

ଚୈତ୍ର ମାସର ପ୍ରଥମ ମଙ୍ଗଳବାରରୁ ଆଜି ରାଜ୍ୟର ବିଭିନ୍ନ ଦେବୀପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ।

ଗଞ୍ଜାମ ଜିଲ୍ଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ପୀଠରେ ଚୈତ୍ର ପ୍ରଥମ ମଙ୍ଗଳବାର ଯାତ୍ରା ଆଜି ଅନୁଷ୍ଠିତ ହୋଇଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ସମବେତ ହୋଇ ପୂଜାର୍ଚ୍ଚନା କରିଛନ୍ତି। ପ୍ରତ୍ୟୁଷରୁ ଦୁଆର ଫିଟା, ଶୃଙ୍ଗାର, ମଙ୍ଗଳ ଆରତୀ ପରେ ଶ୍ରଦ୍ଧାଳୁମାନେ ମା'ଙ୍କର ଦର୍ଶନ କରି ମାନସିକ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ମା'ଙ୍କ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପାହାଡ଼ ପାଦଦେଶରୁ ମା'ଙ୍କ ମନ୍ଦିର ଯାଏ ଯାତ୍ରୀଙ୍କ ଯାତାୟାତ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି । ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ଆଜି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ରାଜରାଜେଶ୍ୱରୀ ବେଶରେ ମା' ଆଜି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ପରମ୍ପରା ଅନୁଯାୟୀ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରେ ବେଶ ଧୁମ୍ ଧାମରେ ଚାଲିଛି ଝାମୁଯାତ୍ରା ତଥା ନେତ୍ର ଉତ୍ସବ । ଆଜିର ଦିନରେ ମା'ଙ୍କ ମନ୍ଦିରରେ ନୂତନ ନେତ ବନ୍ଧା ହେବାର ବିଧି ରହିଛି।

Nuapada/R

# ଆମ୍ବ ନୂଆଁଖାଇ

ନୂଆପଡ଼ା ଜିଲ୍ଲାରେ ଆଜି ଆମ୍ବ ନୂଆଁଖାଇ ପର୍ବ ପାଳିତ ହୋଇଛି । ଚୈତ୍ରମାସ ପ୍ରଥମ ମଙ୍ଗଳବାର ଦିନ ବନଜାତ ଦ୍ରବ୍ୟ ସହ ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ନୂତନ ଫଳ ଭୋଗ କରାଯାଇଥାଏ । ଚାହଁର, ମହୁଲ, ଆମ୍ବ, କେନ୍ଦୁ ଆଦି ବନଜାତ ଫଳ ଦେବୀଙ୍କୁ ଏହି ଅବସରରେ ଅର୍ପଣ କରାଯାଇଥାଏ । ନୂଆପଡ଼ା ଜିଲ୍ଲାରେ ବର୍ଷକୁ ଦୁଇ ଥର ନୂଆଁଖାଇ ପର୍ବ ପାଳିତ ହୋଇଥାଏ । ଭାଦ୍ରବ ମାସ ପଞ୍ଚମୀ ତିଥିରେ ପ୍ରଥମ ନୂଆଁଖାଇ ପର୍ବ ଅବସରରେ ନୂତନ ଶସ୍ୟ ଅଧିଷ୍ଠାତ୍ରୀ ଦେବୀଙ୍କୁ ଅର୍ପଣ କରାଯାଉଥିବାବେଳେ ଚୈତ୍ର ମାସ ନୂଆଖାଇରେ ଜଙ୍ଗଲରୁ ଉତ୍ପାଦିତ ଦ୍ରବ୍ୟ ସହ ଆମ୍ବ ଅର୍ପଣ କରାଯାଇଥାଏ । ସ୍ଥାନୀୟ ଭାଷାରେ ଏହାକୁ ଗୁଣ୍ଡି ପୂଜା ବୋଲି କୁହାଯାଇଥାଏ ।

*****